ଦୟା ସିଂହ ଲାହୋରିଆ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଏପ୍ରିଲ 17, 2001

[ଜି.ବି. ପଟ୍ଟନାୟକ ଏବଂ ୟୁ.ସି. ବାନାର୍ଜୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରତ୍ୟର୍ପଣ ଅଧିନିୟମ, 1962 (1993 ର ସଂଶୋଧନ ଅଧିନିୟମ ଦ୍ୱାରା ସଂଶୋଧିତ):*

*ଧାରା 21— ପରିସର ଓ ସୀମା— ଫୌଜଦାରୀ ଅଦାଲତ— କ୍ଷେତ୍ରାଧିକାର— ପ୍ରତ୍ୟର୍ପଣ ରାୟରେ ଅନ୍ତର୍ଭୁକ୍ତ ନଥିବା ଅପରାଧଗୁଡ଼ିକର ବିଚାର କରିବା— ପଳାତକ ଅପରାଧୀମାନେ— ପ୍ରତ୍ୟର୍ପଣ— ଆମେରିକାର ନ୍ୟାୟାଳୟଙ୍କ ପ୍ରତ୍ୟର୍ପଣ ରାୟରେ ସାମିଲ୍ ଥିବା କେତେକ ନିର୍ଦ୍ଦିଷ୍ଟ ଅପରାଧର ବିଚାର ପାଇଁ ଆମେରିକାରୁ ପ୍ରତ୍ୟର୍ପିତ ହୋଇଥିବା ଅଭିଯୁକ୍ତ— ଅଭିଯୁକ୍ତଙ୍କୁ ଟାଡା ଅନ୍ତର୍ଗତ ଅପରାଧ ସମେତ କିଛି ନିର୍ଦ୍ଦିଷ୍ଟ ଅପରାଧର ବିଚାର ପାଇଁ ଅଣାଯାଇଛି— ନିର୍ଣ୍ଣୟ ହୋଇଛି: ଏକ ପ୍ରତ୍ୟର୍ପଣ ବିଚାରାଦେଶ ଅଧୀନରେ ଭାରତକୁ ଅଣାଯାଇଥିବା ଜଣେ ପଳାତକଙ୍କୁ କେବଳ ପ୍ରତ୍ୟର୍ପଣ ବିଚାରାଦେଶରେ ଉଲ୍ଲିଖିତ ଅପରାଧ ପାଇଁ ବିଚାର କରାଯାଇପାରିବ ଏବଂ ଅନ୍ୟ କୌଣସି ଅପରାଧ ପାଇଁ ନୁହେଁ— ତେଣୁ, ଭାରତର ଫୌଜଦାରୀ ଅଦାଲତର, ଏପରି ପଳାତକଙ୍କ ଅନ୍ୟ କୌଣସି ଅପରାଧ ପାଇଁ ବିଚାର କରିବାର କୌଣସି କ୍ଷେତ୍ରାଧିକାର ନାହିଁ ।*

*ସିଦ୍ଧାନ୍ତ:*

*ବିଶେଷତାର ସିଦ୍ଧାନ୍ତ— ଏହାର ପ୍ରୟୋଜ୍ୟତା ।*

*ଶବ୍ଦ ଏବଂ ବାକ୍ୟାଂଶ:*

*"ପ୍ରତ୍ୟର୍ପଣ ଅପରାଧ"— ଅର୍ଥ— ପ୍ରତ୍ୟର୍ପଣ ଅଧିନିୟମ, 1962 ର ଧାରା 2 (c) ର ସନ୍ଦର୍ଭରେ ।*

**ଆବେଦନକାରୀଙ୍କୁ, ଆମେରିକାର ଅଦାଲତଙ୍କ ରାୟରେ ଅନ୍ତର୍ଭୁକ୍ତ କେତେକ ଅପରାଧର ବିଚାର ପାଇଁ ଆମେରିକାରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଥିଲା । ଆବେଦନକାରୀଙ୍କୁ କେତେକ ଅପରାଧରେ ବିଚାର କରିବାକୁ ଚେଷ୍ଟା କରାଯାଇଥିଲା, ଯେଉଁଗୁଡ଼ିକ ଆମେରିକାର ନ୍ୟାୟାଳୟଙ୍କ ପ୍ରତ୍ୟର୍ପଣ ରାୟରେ ଅନ୍ତର୍ଭୁକ୍ତ ନଥିଲା ।**

**ଆବେଦନକାରୀ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ ପ୍ରତ୍ୟର୍ପଣ ରାୟର ଅଂଶ ନ ଥିବା ଅପରାଧରେ ଆବେଦନକାରୀଙ୍କ ବିଚାର କରିବା ପାଇଁ ଭାରତର ଫୌଜଦାରୀ ଅଦାଲତଙ୍କର କୌଣସି କ୍ଷେତ୍ରାଧିକାର ନାହିଁ; ତେଣୁ, ଆବେଦନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆର୍ ଏବଂ ଦାଖଲ ହୋଇଥିବା ଅଭିଯୋଗ ଫର୍ଦ୍ଦ ଯାହା ୟୁଏସ୍ଏ ନ୍ୟାୟାଳୟଙ୍କ ପ୍ରତ୍ୟର୍ପଣ ରାୟରେ ଅନ୍ତର୍ଭୁକ୍ତ ହୋଇନଥିଲା ତାହା ରଦ୍ଦ କରାଯିବା ଉଚିତ ।**

**ଏହି ନ୍ୟାୟାଳୟ ସମ୍ମୁଖରେ ନିମ୍ନଲିଖିତ ପ୍ରଶ୍ନ ଉଠିଥିଲା:**

**ପ୍ରତ୍ୟର୍ପଣ ସନ୍ଧି ଅନୁଯାୟୀ, ବିଚାର କରାଯାଉଥିବା ଅପରାଧରେ ଜଣେ ଅଭିଯୁକ୍ତଙ୍କୁ, ଯାହା ପ୍ରତ୍ୟର୍ପଣ ଅଧିନିୟମ 1962 ର ଧାରା 21 ରେ ଥିବା ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଦୃଷ୍ଟିରେ ବିଚାରାଦେଶର ଅଂଶ ହୋଇନଥିବା ଅନ୍ୟ ଏକ ଅପରାଧ ପାଇଁ ବିଚାର କରାଯାଇପାରିବ କି?**

ଆବେଦନର ଫଏସଲା କରି ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: **1.1.** ପ୍ରତ୍ୟର୍ପଣ ଅଧିନିୟମ, **1962** ର ଧାରା **21** ର **1993** ର ସଂଶୋଧନ ଅନୁଯାୟୀ ଜଣେ ପଳାତକଙ୍କୁ ପ୍ରମାଣିତ ତଥ୍ୟ ଦ୍ୱାରା ପ୍ରକାଶ ପାଇଥିବା କୌଣସି ଛୋଟ ଅପରାଧ ପାଇଁ କିମ୍ବା ଏପରିକି ଯେଉଁ ଅପରାଧ ପାଇଁ ବିଦେଶୀ ରାଷ୍ଟ୍ର ଏହାର ସମ୍ମତି ଦେଇଛି ତାହା ପାଇଁ ବିଚାର କରାଯାଇପାରିବ । ଏହିପରି, ଏହା ପଳାତକଙ୍କୁ ରାଜ୍ୟକୁ ଫେରସ୍ତ ନକରି, ଛୋଟ ଅପରାଧ କିମ୍ବା ଅନ୍ୟ କୌଣସି ଅପରାଧ ପାଇଁ ବିଚାର କରିବାକୁ ସକ୍ଷମ କରେ, ଯଦି ସମ୍ପୃକ୍ତ ରାଜ୍ୟ ଏହାର ସମ୍ମତି ଦିଏ । ଅନ୍ୟ ଅର୍ଥରେ, ପ୍ରତ୍ୟର୍ପଣ ବିଚାରାଦେଶରେ ଉଲ୍ଲେଖ ନଥିବା ଅନ୍ୟ କୌଣସି ଅପରାଧ ପାଇଁ ପଳାତକଙ୍କୁ ବିଚାର କରିବାକୁ ଭାରତୀୟ କର୍ତ୍ତୃପକ୍ଷ ବିଦେଶୀ ରାଷ୍ଟ୍ରର ସମ୍ମତି ନେଇପାରିବେ, କିନ୍ତୁ ଏହିପରି ସମ୍ମତି ନପାଇ, ପ୍ରତ୍ୟର୍ପଣ ଆଦେଶରେ ଉଲ୍ଲେଖ ନଥିବା ଅନ୍ୟ କୌଣସି ଅପରାଧ ପାଇଁ ତାଙ୍କୁ ବିଚାର କରିବା ସମ୍ଭବ ନୁହେଁ ।

**1.2.** ବିଶେଷତାର ସିଦ୍ଧାନ୍ତ ହେଉଛି ପ୍ରତ୍ୟର୍ପଣ ସମ୍ବନ୍ଧୀୟ ଆନ୍ତର୍ଜାତିକ ଆଇନର ଅନ୍ୟ ଏକ ପ୍ରତିଷ୍ଠିତ ନିୟମ ଅଟେ । ତେଣୁ, ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ ଅପରାଧ ପାଇଁ ପ୍ରତ୍ୟର୍ପଣ କରାଯାଏ, ସେତେବେଳେ ତାଙ୍କୁ କେବଳ ସେହି ଅପରାଧ ପାଇଁ ବିଚାର କରାଯାଇପାରିବ । ଯଦି ଅନୁରୋଧ କରିଥିବା ରାଷ୍ଟ୍ର ପ୍ରତ୍ୟର୍ପଣ ପୂର୍ବରୁ କରାଯାଇଥିବା ଅନ୍ୟ କୌଣସି ଅପରାଧ ପାଇଁ ପ୍ରତ୍ୟାର୍ପିତ ହୋଇଥିବା ପଳାତକଙ୍କୁ ବିଚାର କରିବା ବାଞ୍ଛନୀୟ ବୋଲି ବିବେଚନା କରେ, ତେବେ ପଳାତକଙ୍କୁ ପୂର୍ବ ସ୍ଥିତାବସ୍ଥାକୁ ଆଣିବାକୁ ପଡିବ, ଏହି ଅର୍ଥରେ ଯେ ତାଙ୍କୁ ପ୍ରଥମେ ସେହି ରାଷ୍ଟ୍ରକୁ ଫେରାଇବାକୁ ପଡିବ ଯାହା ପ୍ରତ୍ୟର୍ପଣ ମଞ୍ଜୁର କରିଥିଲା ଏବଂ ପରବର୍ତ୍ତୀ ଅପରାଧ ପାଇଁ ଏକ ନୂତନ ପ୍ରତ୍ୟର୍ପଣ ଅନୁରୋଧ କରିବାକୁ ପଡିବ । ପ୍ରତ୍ୟର୍ପଣ ଅଧିନିୟମ, **1962** ସେହି ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିଥାଏ । ପ୍ରତ୍ୟର୍ପଣ ଅଧିନିୟମର ଧାରା **21**କୁ ଦୃଷ୍ଟିରେ ରଖି ପ୍ରତ୍ୟାର୍ପିତ ହୋଇଥିବା ପଳାତକଙ୍କୁ ଭାରତରେ ଅନ୍ୟ କୌଣସି ଅପରାଧ ପାଇଁ ବିଚାର କରାଯାଇପାରିବ ନାହିଁ, ଯେଉଁ ଅପରାଧ ପାଇଁ ତାଙ୍କୁ ପ୍ରତ୍ୟାର୍ପିତ କରାଯାଇଛି, ଯେପର୍ଯ୍ୟନ୍ତ ତାଙ୍କୁ ସେହି ରାଜ୍ୟକୁ ଫେରାଇ ଦିଆଯାଇ ନାହିଁ କିମ୍ବା ଫେରିବାର ସୁଯୋଗ ମିଳିନାହିଁ ଯେଉଁ ରାଜ୍ୟରେ ସେ ଆତ୍ମସମର୍ପଣ କରିଛନ୍ତି ।

**1.3.** ବିଶେଷତାର ସିଦ୍ଧାନ୍ତ ବାସ୍ତବରେ ଦ୍ୱୈତ ଅପରାଧ ନୀତିର ଏକ ଆନୁସଙ୍ଗିକ ନିୟମ, ଏବଂ ଉପରୋକ୍ତ ସିଦ୍ଧାନ୍ତ ଏହି ଧାରଣା ଉପରେ ଆଧାରିତ ଯେ ଯେତେବେଳେ କୌଣସି ରାଷ୍ଟ୍ର, କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ପାଇଁ ଜଣେ ବ୍ୟକ୍ତିଙ୍କୁ ଅନ୍ୟ ରାଷ୍ଟ୍ରକୁ ଆତ୍ମ ସମର୍ପଣ କରିବା କରିବା ପାଇଁ ଏହାର ଆନୁଷ୍ଠାନିକ ପ୍ରକ୍ରିୟା ବ୍ୟବହାର କରେ, ଅନୁରୋଧ କରୁଥିବା ରାଷ୍ଟ୍ର, ଏହାର ପ୍ରତ୍ୟର୍ପଣ ପାଇଁ ଅନୁରୋଧରେ, ଅଭିଯୁକ୍ତ ହୋଇଥିବା ଅପରାଧ ପାଇଁ, ଅପରାଧୀଙ୍କ ବିରୋଧରେ ମକଦ୍ଦମା ଚଳାଇବା କିମ୍ବା ଦଣ୍ଡିତ କରିବାର ଉଦ୍ଦେଶ୍ୟ ପାଳନ କରିବ ଏବଂ ଅନ୍ୟ କାହା ଉପରେ ନୁହେଁ ।

*ଯୁକ୍ତରାଷ୍ଟ୍ର ବନାମ ରୌସର୍ 1019 ୟୁଏସ୍ 407, ଏମ୍. ଚିଫ୍ ବସ୍ସିଓନି,* ମାମଲାକୁ ଉଲ୍ଲେଖ କରାଯାଇଛି ।

*ଆନ୍ତର୍ଜାତୀୟ ପ୍ରତ୍ୟର୍ପଣ ଏବଂ ବିଶ୍ୱ ସାର୍ବଜନୀନ ବ୍ୟବସ୍ଥା, ଓ 'କୋନେଲ୍: ଆନ୍ତର୍ଜାତିକ ଆଇନ ଏବଂ ଓପେନ୍ହିମଙ୍କ ଆନ୍ତର୍ଜାତିକ ଆଇନ,* ପୁସ୍ତକକୁ ଉଲ୍ଲେଖ କରାଯାଇଛି ।

**2.** ଆଇନରେ ଥିବା ଉପରୋକ୍ତ ସ୍ଥିତିକୁ ଦୃଷ୍ଟିରେ ରଖି, ଉଭୟ ଆନ୍ତର୍ଜାତିକ ଆଇନ ତଥା ଭାରତରେ ପ୍ରାସଙ୍ଗିକ ବିଧାନ ଉପରେ, ଏହି ମାମଲାଗୁଡ଼ିକର ଫଏସଲା ଏହି ଉପସଂହାର ସହିତ କରାଯାଏ ଯେ ପ୍ରତ୍ୟର୍ପଣ ବିଚାରାଦେଶ ଅଧୀନରେ ଭାରତକୁ ଅଣାଯାଇଥିବା ଜଣେ ପଳାତକଙ୍କୁ କେବଳ ପ୍ରତ୍ୟର୍ପଣ ବିଚାରାଦେଶରେ ଉଲ୍ଲିଖିତ ଅପରାଧ ପାଇଁ ବିଚାର କରାଯାଇପାରିବ ଏବଂ ଅନ୍ୟ କୌଣସି ଅପରାଧ ପାଇଁ ଏବଂ ଭାରତର ଫୌଜଦାରୀ ଅଦାଲତର ଅନ୍ୟ କୌଣସି ଅପରାଧ ପାଇଁ ଏହିପରି ପଳାତକଙ୍କୁ ବିଚାର କରିବାକୁ କୌଣସି କ୍ଷେତ୍ରାଧିକାର ରହିବ ନାହିଁ ।

ମୂଳ ଫୌଜଦାରୀ କ୍ଷେତ୍ରାଧିକାର: ଆଜ୍ଞାଦେଶ ଆବେଦନ (ସିଆରଏଲ୍.) ସଂଖ୍ୟା 256/2000

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ)

**ସହିତ**

ସ୍ୱତନ୍ତ୍ର ଅନୁମତି ଆବେଦନ (ସିଆରଏଲ.) ସଂଖ୍ୟା 2697-2698/2000

ମୁକୁଲ୍ ରୋହତଗୀ, ଅତିରିକ୍ତ ସଲିସିଟର୍ ଜେନେରାଲ୍, ଏମ୍. ସି. ଭାଣ୍ଡାରେ, ଦେବାଶିଷ ମିଶ୍ର, ଶନିଫ୍ ଅହମ୍ମଦ, ସି. ଶାମସୁଦ୍ଦିନ ଖାନ, ସତ୍ୟ ପ୍ରକାଶ ଶର୍ମା, ହେମନ୍ତ ଶର୍ମା, ରାଜୀବ ଶର୍ମା, ବି. ଭି. ବଳରାମ ଦାସ, ପି. ପରମେଶ୍ୱରନ, ଜୟଶ୍ରୀ ଆନନ୍ଦ, ଅତିରିକ୍ତ ଜେନେରାଲ ପଞ୍ଜାବ ରାଜ୍ୟ ପାଇଁ, ରାଜୀବ କୁମାର ଶର୍ମାଙ୍କ ପାଇଁ ଜି. ଶିବବଲାମୁରୁଗାନ, ଆର. ଏସ. ସୁରୀ ଏବଂ ସୁଶୀଲ କୁମାର ଜୈନ ଉପସ୍ଥିତ ପକ୍ଷଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ନ୍ୟାୟମୂର୍ତ୍ତି ପଟ୍ଟନାୟକଙ୍କ** ଦ୍ୱାରା । ଆଜ୍ଞାଦେଶ ଆବେଦନ ଏବଂ ସ୍ୱତନ୍ତ୍ର ଅନୁମତି ଆବେଦନ, ଏହି ସାଧାରଣ ପ୍ରଶ୍ନ ଉଠାଇଥିଲା, ଏବଂ ଏହିପରି ଏକତ୍ର ଶୁଣାଣି କରାଯାଇଥିଲା ଏବଂ ଏହି ମିଳିତ ରାୟ ଦ୍ୱାରା ଫଏସଲା କରାଯାଇଥିଲା । ଏହି ଆଜ୍ଞାଦେଶ ଆବେଦନରେ ଆବେଦନକାରୀ ଦୟା ସିଂ ଲାହୋରିଆଙ୍କ ଅଭିଯୋଗ ହେଉଛି ଯେ, ଯେଉଁ ଅପରାଧଗୁଡ଼ିକ ପ୍ରତ୍ୟର୍ପଣ ରାୟର ଅଂଶବିଶେଷ ନୁହେଁ, ସେହି ମାମଲାଗୁଡ଼ିକର ବିଚାର କରିବା ପାଇଁ ଦେଶର ଫୌଜଦାରୀ ଅଦାଲତଙ୍କର କୌଣସି କ୍ଷେତ୍ରାଧିକାର ନାହିଁ, ଯେଉଁ ସର୍ତ୍ତ ଆଧାରରେ ତାଙ୍କୁ ଏହି ଦେଶକୁ ଅଣାଯାଇଛି, ଏବଂ କେବଳ ସେହି ପ୍ରତ୍ୟର୍ପଣ ବିଚାରାଦେଶରେ ଉଲ୍ଲେଖ ଥିବା ଅପରାଧଗୁଡ଼ିକ ପାଇଁ ହିଁ ତାଙ୍କ ବିରୋଧରେ ବିଚାର କରାଯାଇପାରିବ । ଆବେଦନକାରୀ, ତାଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍ଆଇଆର୍ ଏବଂ ଦାଖଲ ହୋଇଥିବା ଅଭିଯୋଗ ଫର୍ଦ୍ଦକୁ ରଦ୍ଦ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି ଯେଉଁଗୁଡିକ ଆମେରିକାର ଅଦାଲତଙ୍କ ପ୍ରତ୍ୟର୍ପଣ ରାୟରେ ଅନ୍ତର୍ଭୁକ୍ତ ନୁହେଁ । ଏହା ପ୍ରତୀୟମାନ ହେଉଛି ଯେ, ଯୁକ୍ତରାଷ୍ଟ୍ରର ଟେକ୍ସାସ ଫୋର୍ଟ ୱର୍ଥ ଖଣ୍ଡର ଜିଲ୍ଲା ଅଦାଲତ ପ୍ରତ୍ୟର୍ପଣଯୋଗ୍ୟ ପ୍ରମାଣପତ୍ରର ଏକ ରାୟ ପ୍ରଦାନ କରିଛନ୍ତି, ଉକ୍ତ ଆଦେଶନାମା ପ୍ରମାଣପତ୍ର ଅନୁଯାୟୀ, ଭାରତ ଗଣରାଜ୍ୟର ସରକାରଙ୍କ ସହିତ ଯୁକ୍ତରାଷ୍ଟ୍ର ଏବଂ ଗ୍ରେଟ ବ୍ରିଟେନ ଓ ଉତ୍ତର ଆୟର୍ଲାଣ୍ଡ ମଧ୍ୟରେ ଥିବା ପ୍ରତ୍ୟର୍ପଣ ସନ୍ଧି ଆଧାରରେ ଏହା ସମର୍ଥନଯୋଗ୍ୟ ବୋଲି ପ୍ରମାଣିତ ହୋଇଛି, ଏଥିସହ ପ୍ରତ୍ୟର୍ପଣ ଆଦେଶରେ ଉଲ୍ଲେଖ ଥିବା ଅଭିଯୁକ୍ତଙ୍କ ବିରୋଧରେ କେଉଁ କେଉଁ ଅପରାଧ ପାଇଁ ମାମଲା ଚାଲିପାରିବ, ତାହା ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇଛି । ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ ପ୍ରତ୍ୟର୍ପଣ ଆଦେଶରେ ଉଲ୍ଲିଖିତ ଅପରାଧ ବ୍ୟତୀତ ଅନ୍ୟ ଅପରାଧ ପାଇଁ ତାଙ୍କୁ ବିଚାର କରାଯାଇପାରିବ ନାହିଁ କାରଣ ଏହା ପ୍ରତ୍ୟର୍ପଣ ଅଧିନିୟମର ଧାରା 21 ର ଉଲ୍ଲଂଘନ ତଥା ଆନ୍ତର୍ଜାତିକ ଆଇନ ଏବଂ ପ୍ରତ୍ୟର୍ପଣ ସନ୍ଧି ବ୍ୟବସ୍ଥାର ଉଲ୍ଲଂଘନ ହେବ ।

ସ୍ୱତନ୍ତ୍ର ଅନୁମତି ଆବେଦନଗୁଡିକରେ, ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଏକ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରିବାକୁ ଏବଂ ଆତଙ୍କବାଦୀ ଏବଂ ବିଧ୍ୱଂସକାରୀ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ, 1987 ର ବ୍ୟବସ୍ଥା ଅନୁଯାୟୀ ସ୍ୱୀକୃତ ଅଦାଲତଙ୍କ କ୍ଷେତ୍ରାଧିକାର ସମ୍ବନ୍ଧୀୟ ପ୍ରଶ୍ନର ନିଷ୍ପତ୍ତି କରିବାକୁ ମନା କରିଦେଇଥିଲେ, ଏହି ଆଧାରରେ ଯେ ଉକ୍ତ କ୍ଷେତ୍ରାଧିକାର ଉପରେ କରାଯାଇଥିବା ଏକ ଆପତ୍ତି, ଅଧିନିୟମର ଧାରା 18 ଅନୁଯାୟୀ ସ୍ୱୀକୃତ ଅଦାଲତଙ୍କ ପାଖରେ କରାଯାଇପାରିବ ଏବଂ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଜାରି କରିବା ପାଇଁ ଏକ ଆବେଦନ ଗ୍ରହଣଯୋଗ୍ୟ ହେବ ନାହିଁ । ତେଣୁ ଉକ୍ତ ସ୍ୱତନ୍ତ୍ର ଅନୁମତି ଆବେଦନରେ ବିଚାର ପାଇଁ ପ୍ରଶ୍ନ ହେଉଛି ଯେ ପ୍ରତ୍ୟର୍ପଣ ସନ୍ଧି ଅନୁଯାୟୀ, ବିଚାର କରାଯାଉଥିବା ଅପରାଧରେ ଜଣେ ଅଭିଯୁକ୍ତଙ୍କୁ, ଯାହା ପ୍ରତ୍ୟର୍ପଣ ଅଧିନିୟମ

1962 ର ଧାରା 21 ରେ ଥିବା ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଦୃଷ୍ଟିରେ ବିଚାରାଦେଶର ଅଂଶ ହୋଇନଥିବା ଅନ୍ୟ ଏକ ଅପରାଧ ପାଇଁ ବିଚାର କରାଯାଇପାରିବ କି ।

ପଳାତକ ଅପରାଧୀଙ୍କ ପ୍ରତ୍ୟର୍ପଣ ସମ୍ବନ୍ଧୀୟ ଆଇନକୁ ସୁଦୃଢ଼ ଏବଂ ସଂଶୋଧନ କରିବା ଏବଂ ଏହା ସହିତ ଜଡିତ କିମ୍ବା ଆନୁସଙ୍ଗିକ ବିଷୟଗୁଡ଼ିକର ବ୍ୟବସ୍ଥା କରିବା ପାଇଁ 1962ର ପ୍ରତ୍ୟର୍ପଣ ଅଧିନିୟମ ପ୍ରଣୟନ କରାଯାଇଛି । ଭାରତ ପାଇଁ ପ୍ରଯୁଜ୍ୟ ପ୍ରତ୍ୟର୍ପଣର ଉପରୋକ୍ତ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ, ଗ୍ରେଟ୍ ବ୍ରିଟେନ ପ୍ରତ୍ୟର୍ପଣ ଅଧିନିୟମ 1870, ପଳାତକ ଅପରାଧୀ ଅଧିନିୟମ, 1881 ଏବଂ ଭାରତୀୟ ପ୍ରତ୍ୟର୍ପଣ ଅଧିନିୟମ, 1903 ରେ ବିକ୍ଷିପ୍ତ ଭାବେ ରହିଥିଲା ।ପ୍ରତ୍ୟର୍ପଣ ଅଭିବ୍ୟକ୍ତିର ଅର୍ଥ ହେଉଛି, ଜଣେ ବ୍ୟକ୍ତି, ଯେଉଁ ଅପରାଧରେ ସେ ଅଭିଯୁକ୍ତ ହୋଇଛନ୍ତି, ସେହି ଅପରାଧ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାହୁଁଥିବା ଏକ ରାଷ୍ଟ୍ର ଦ୍ୱାରା ଅନ୍ୟ ଏକ ରାଷ୍ଟ୍ରକୁ ଆତ୍ମ ସମର୍ପଣ କରିବା ଏବଂ ଯାହା ଅନ୍ୟ ରାଷ୍ଟ୍ରର ଅଦାଲତରେ ବିଚାରଯୋଗ୍ୟ ହୋଇଥାଏ । ପ୍ରତ୍ୟର୍ପଣ ସମ୍ବନ୍ଧୀୟ ଆଇନର କଠୋର ଅନୁପାଳନ ବିନା ବିଦେଶୀ କ୍ଷେତ୍ରାଧିକାରକୁ ନ ପଠାଇବା, ଜଣେ ନାଗରିକଙ୍କ ଏକ ମୂଲ୍ୟବାନ ଅଧିକାର । ଏହି ପ୍ରତ୍ୟର୍ପଣ ଅଧିନିୟମ ହେଉଛି ଏକ ସ୍ୱତନ୍ତ୍ର ଆଇନ ଯାହା ଅପରାଧୀ ଏବଂ କିଛି ନିର୍ଦ୍ଦିଷ୍ଟ ଅପରାଧରେ ଜଡ଼ିତ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ସହ ସମ୍ବନ୍ଧିତ ଏବଂ ଏହା ବିଚାର ପ୍ରକ୍ରିୟା ସହିତ କେତେକ ନିର୍ଦ୍ଧାରିତ ପରିସ୍ଥିତିରେ ପ୍ରତିବନ୍ଧକ ବିଷୟରେ ମଧ୍ୟ ନିର୍ଦ୍ଦେଶ ଦେଇଥାଏ । ଅଧିନିୟମର ଧାରା 2 (c) ରେ 'ପ୍ରତ୍ୟର୍ପଣ ଅପରାଧ' ଅଭିବ୍ୟକ୍ତିର ବ୍ୟାଖ୍ୟା କରାଯାଇଛି, ଯାହାର ଅର୍ଥ ହେଉଛି, ଏକ ବିଦେଶୀ ରାଷ୍ଟ୍ର ସମ୍ବନ୍ଧରେ, ଏକ ସନ୍ଧି ରାଷ୍ଟ୍ର ହୋଇଥିବାରୁ, ସେହି ବିଦେଶୀ ରାଷ୍ଟ୍ରର ଆଇନ ଅନୁଯାୟୀ ଏକ ଅପରାଧର ଦଣ୍ଡ ଅନ୍ୟୁନ ଏକ ବର୍ଷରୁ କମ କାରାଦଣ୍ଡରେ ଦଣ୍ଡନୀୟ ହୋଇନଥିବ, ଏଥିରେ ମିଶ୍ରିତ ଅପରାଧ ମଧ୍ୟ ଅନ୍ତର୍ଭୁକ୍ତ । ଧାରା 2 (d) ରେ 'ପ୍ରତ୍ୟର୍ପଣ ଚୁକ୍ତି' ଅଭିବ୍ୟକ୍ତିର ଅର୍ଥ, ପଳାତକ ଅପରାଧୀଙ୍କ ପ୍ରତ୍ୟର୍ପଣ ସମ୍ବନ୍ଧୀୟ ଏକ ବିଦେଶୀ ରାଷ୍ଟ୍ର ସହିତ ଭାରତ ଦ୍ୱାରା କରାଯାଇଥିବା ଏକ ସନ୍ଧି (ଚୁକ୍ତି କିମ୍ବା ବ୍ୟବସ୍ଥା) କୁ ବ୍ୟାଖ୍ୟା କରାଯାଇଛି ଏବଂ ଏଥିରେ 1947 ଅଗଷ୍ଟ 15 ତାରିଖ ପୂର୍ବରୁ ହୋଇଥିବା ପଳାତକ ଅପରାଧୀଙ୍କ ପ୍ରତ୍ୟର୍ପଣ ସମ୍ବନ୍ଧୀୟ ଯେକୌଣସି ଚୁକ୍ତି ଅନ୍ତର୍ଭୁକ୍ତ, ଯାହା ଭାରତ ପର୍ଯ୍ୟନ୍ତ ବିସ୍ତୃତ ଏବଂ ବାଧ୍ୟତାମୂଳକ ଅଟେ ।ଧାରା 2 (ଇ) ରେ 'ବିଦେଶୀ ରାଷ୍ଟ୍ର' ଅଭିବ୍ୟକ୍ତିଟି ଭାରତ ବାହାରେ ଥିବା ଯେକୌଣସି ରାଷ୍ଟ୍ରକୁ ଅନ୍ତର୍ଭୁକ୍ତ କରେ ଏବଂ ଏହିପରି ରାଷ୍ଟ୍ରର ପ୍ରତ୍ୟେକ ବିଧାନସଭା କ୍ଷେତ୍ର, ଉପନିବେଶ କିମ୍ବା ନିର୍ଭରଶୀଳତାକୁ ଅନ୍ତର୍ଭୁକ୍ତ କରେ । ପ୍ରତ୍ୟର୍ପଣ ଅଧିନିୟମର ଧାରା 21 ଆମ ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ଅଟେ ।ଧାରା 21, ଯେପରି 1962 ର ପ୍ରତ୍ୟର୍ପଣ ଅଧିନିୟମରେ ରହିଥିଲା, ତାହାକୁ ନିମ୍ନରେ ବିସ୍ତୃତ ଭାବରେ ଉଦ୍ଧୃତ କରାଗଲା:

> "*ଧାରା 21: ବିଦେଶୀ ରାଷ୍ଟ୍ର କିମ୍ବା ରାଜ୍ୟଗୋଷ୍ଠୀ ଦେଶ ଦ୍ୱାରା ଆତ୍ମସମର୍ପଣ କିମ୍ବା ଫେରସ୍ତ କରାଯାଇଥିବା ଅଭିଯୁକ୍ତ କିମ୍ବା ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ, ପୂର୍ବ ଅପରାଧ ପାଇଁ ବିଚାର କରାଯିବ ନାହିଁ*.- ଯେତେବେଳେ କୌଣସି ବ୍ୟକ୍ତିଙ୍କୁ କୌଣସି ଅପରାଧରେ ଅଭିଯୁକ୍ତ କିମ୍ବା ଦୋଷୀ ସାବ୍ୟସ୍ତ ହୁଅନ୍ତି, ତାହା ଯଦି ଭାରତରେ ହୋଇଥାଏ, ତାହା ଏକ ପ୍ରତ୍ୟର୍ପଣ ଅପରାଧ ହେବ, ଏକ ବିଦେଶୀ ରାଷ୍ଟ୍ର କିମ୍ବା ରାଜ୍ୟଗୋଷ୍ଠୀ ଦେଶ ଦ୍ୱାରା ଆତ୍ମ ସମର୍ପଣ କରାଯାଏ, ସେହି ବ୍ୟକ୍ତିଙ୍କୁ କେବଳ ସେହି ଅପରାଧ ପାଇଁ ହିଁ ବିଚାର କରାଯାଇପାରିବ, ଯେଉଁଥିପାଇଁ ତାଙ୍କୁ ବିଦେଶରୁ ଅଣାଯାଇଛି, ଭାରତକୁ ଫେରିବା ପୂର୍ବରୁ ସେ ଯଦି ଅନ୍ୟ କୌଣସି ଅପରାଧ କରିଥାନ୍ତି, ତେବେ ସେହି ପୁରୁଣା ଅପରାଧ ପାଇଁ ତାଙ୍କ ବିରୋଧରେ ସେ ପର୍ଯ୍ୟନ୍ତ ମକଦ୍ଦମା ଚଳାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ତାଙ୍କୁ ପୁଣିଥରେ ସେହି ଦେଶକୁ ଫେରିଯିବା ପାଇଁ ଏକ ସୁଯୋଗ ଦିଆଯାଇ ନାହିଁ ।"

ଏହି ଧାରାଟି ୟୁନାଇଟେଡ୍ କିଙ୍ଗଡମ୍ ପ୍ରତ୍ୟର୍ପଣ ଅଧିନିୟମ, 1870 ର ଧାରା 19 ଉପରେ ଆଧାରିତ । 1962ର ମୂଳ ଅଧିନିୟମକୁ 1993ର ଅଧିନିୟମ 66 ଦ୍ୱାରା ସଂଶୋଧନ କରାଯାଇଥିଲା । 1962 ଅଧିନିୟମ ଅନୁଯାୟୀ, ରାଜ୍ୟଗୋଷ୍ଠୀ ଦେଶ ଏବଂ ବିଦେଶୀ ରାଷ୍ଟ୍ର ମଧ୍ୟରେ ଏକ ପାର୍ଥକ୍ୟ ବଜାୟ ରଖାଯାଇଥିଲା ଏବଂ ବିଦେଶୀ ରାଷ୍ଟ୍ରଗୁଡ଼ିକୁ ସନ୍ଧି ରାଷ୍ଟ୍ର ଭାବେ

ବିବେଚନା କରାଯାଉଥିଲା । ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକ ସହିତ ପ୍ରତ୍ୟର୍ପଣକୁ ପୃଥକ ଭାବରେ ଅଧିନିୟମର ଦ୍ୱିତୀୟ ଅନୁସୂଚୀ ଦ୍ୱାରା ପରିଚାଳିତ କରାଯାଇଥିଲା ଏବଂ କେବଳ ରାଜ୍ୟଗୋଷ୍ଠୀ ଦେଶମାନଙ୍କ ସମ୍ବନ୍ଧରେ ସ୍ୱତନ୍ତ୍ର ପ୍ରତ୍ୟର୍ପଣ ବ୍ୟବସ୍ଥା ସମାପ୍ତ କରିବାକୁ ତୃତୀୟ ଅଧ୍ୟାୟ ଅନୁଯାୟୀ କେନ୍ଦ୍ର ସରକାରଙ୍କୁ କ୍ଷମତା ଦିଆଯାଇଥିଲା । 1993 ର ସଂଶୋଧିତ ଅଧିନିୟମ ଭାରତକୁ, ରାଜ୍ୟଗୋଷ୍ଠୀ ଦେଶ ସମେତ ବିଦେଶୀ ରାଷ୍ଟ୍ର ସହିତ ପ୍ରତ୍ୟର୍ପଣ ସନ୍ଧି ସ୍ୱାକ୍ଷର କରିବାକୁ ସକ୍ଷମ କରେ, ଯେଉଁଥିରେ ସେମାନଙ୍କୁ ସଂରଚନାତ୍ମକ ଭାବରେ ଅଲଗା ବିବେଚନା ନକରି । ଏହା ଭାରତ ବାହାରେ ବିଦେଶୀମାନଙ୍କ ଦ୍ୱାରା କରାଯାଇଥିବା ଅପରାଧ ପାଇଁ ସେମାନଙ୍କ ଉପରେ ଅତିରିକ୍ତ-କ୍ଷେତ୍ରୀୟ କ୍ଷେତ୍ରାଧିକାର ପ୍ରଦାନ କରିଥାଏ ଏବଂ ଏହା ପ୍ରତ୍ୟର୍ପଣ ଅପରାଧର ସଂଜ୍ଞାରେ ମିଶ୍ରିତ ଅପରାଧକୁ ଅନ୍ତର୍ଭୁକ୍ତ କରିଥାଏ । ଏହା ଏକ ଗମ୍ଭୀର ପ୍ରକୃତିର ଅପରାଧ ମାମଲାରେ ପ୍ରତିରକ୍ଷା ଭାବରେ ରାଜନୈତିକ ଅପରାଧକୁ ବାଦ ଦେଇଥାଏ ଏବଂ ଏହା ଆନ୍ତର୍ଜାତୀୟ ସମ୍ମିଳନୀ ଆଧାରରେ ପ୍ରତ୍ୟର୍ପଣ ଅନୁରୋଧକୁ ଅନ୍ତର୍ଭୁକ୍ତ କରେ । ଏହା ମଧ୍ୟ କେନ୍ଦ୍ର ସରକାରଙ୍କୁ ଔପଚାରିକ ପ୍ରତ୍ୟର୍ପଣ ଅନୁରୋଧ ପ୍ରାପ୍ତ ହେବା ପର୍ଯ୍ୟନ୍ତ ବିଚାରାଧିନ ଜରୁରୀ ମାମଲାରେ ପଳାତକମାନଙ୍କୁ ଅସ୍ଥାୟୀ ଗିରଫ ପାଇଁ ଅନୁରୋଧ କରିବାକୁ ଏବଂ ଗ୍ରହଣ କରିବାକୁ ସକ୍ଷମ କରେ । 1962 ଅଧିନିୟମର ଧାରା 21କୁ 1993ର ଅଧିନିୟମ 66 ଦ୍ୱାରା ନିମ୍ନମତେ ପ୍ରତିସ୍ଥାପିତ କରାଯାଇଥିଲା:

> "*ଧାରା 21- ବିଦେଶୀ ରାଷ୍ଟ୍ର ଦ୍ୱାରା ହସ୍ତାନ୍ତର କିମ୍ବା ଫେରାଇ ଅଣାଯାଇଥିବା ଅଭିଯୁକ୍ତ କିମ୍ବା ଦଣ୍ଡିତ ବ୍ୟକ୍ତିଙ୍କ ଉପରେ କିଛି ନିର୍ଦ୍ଦିଷ୍ଟ ଅପରାଧ ପାଇଁ ମୋକଦ୍ଦମା କରାଯାଇପାରିବ ନାହିଁ* - ଯେତେବେଳେ କୌଣସି ବ୍ୟକ୍ତିଙ୍କୁ କୌଣସି ଅପରାଧରେ ଅଭିଯୁକ୍ତ କିମ୍ବା ଦୋଷୀ ସାବ୍ୟସ୍ତ ହୁଅନ୍ତି, ତାହା ଯଦି ଭାରତରେ ହୋଇଥାଏ, ତାହା ଏକ ପ୍ରତ୍ୟର୍ପଣ ଅପରାଧ ହେବ, ଏକ ବିଦେଶୀ ରାଷ୍ଟ୍ର ଦ୍ୱାରା ହସ୍ତାନ୍ତର କିମ୍ବା ଫେରାଇ ଦିଆଯାଇଥାଏ, ଯେପର୍ଯ୍ୟନ୍ତ ସେ ପୁନଃସ୍ଥାପିତ ହୋଇନାହାନ୍ତି କିମ୍ବା ପୁଣିଥରେ ସେହି ଦେଶକୁ ଫେରିଯିବା ପାଇଁ ଏକ ସୁଯୋଗ ଦିଆଯାଇ ନାହିଁ, ସେହି ବ୍ୟକ୍ତିଙ୍କୁ କେବଳ ସେହି ଅପରାଧ ପାଇଁ ହିଁ ବିଚାର କରାଯାଇପାରିବ-
>
> (a) ଯେଉଁ ପ୍ରତ୍ୟର୍ପଣ ଅପରାଧ ସମ୍ବନ୍ଧରେ ତାଙ୍କୁ ହସ୍ତାନ୍ତର କିମ୍ବା ଫେରାଇ ଅଣାଯାଇଥିଲା; କିମ୍ବା
>
> (b) ତାଙ୍କର ହସ୍ତାନ୍ତର କିମ୍ବା ଫେରିବା ପାଇଁ ପ୍ରମାଣିତ ହୋଇଥିବା ତଥ୍ୟ ଆଧାରରେ କୌଣସି ଛୋଟ ଅପରାଧ, କିନ୍ତୁ ସେହି ଅପରାଧକୁ ଛାଡ଼ି ଯେଉଁଥିପାଇଁ ଆଇନଗତ ଭାବେ ତାଙ୍କର ହସ୍ତାନ୍ତର କିମ୍ବା ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ; କିମ୍ବା
>
> (c) ଯେଉଁ ଅପରାଧ ସମ୍ବନ୍ଧରେ ବିଦେଶୀ ରାଷ୍ଟ୍ର ନିଜର ସମ୍ମତି ପ୍ରଦାନ କରିଛି ।"

ଉପରୋକ୍ତ ଧାରାର ବ୍ୟବସ୍ଥା ପ୍ରତ୍ୟର୍ପଣ ହୋଇଥିବା ବ୍ୟକ୍ତିର ବିଚାର ଉପରେ କଟକଣା ଲଗାଇଥାଏ, ଏବଂ ଏହା ଫେରାର ଅପରାଧୀଙ୍କୁ ଅନ୍ୟ କୌଣସି ଅପରାଧ ପାଇଁ ବିଚାର କରିବାରେ ବାରଣ କରିଥାଏ, ଯେପର୍ଯ୍ୟନ୍ତ ତାଙ୍କୁ ପୁନଃସ୍ଥାପିତ କରାଯିବାର କିମ୍ବା ଫେରିଯିବାର ସୁଯୋଗ ଦିଆଯିବାର ସର୍ତ୍ତ ପୂରଣ ହୋଇନାହିଁ । 1993 ର ସଂଶୋଧନ ଅଧିନିୟମ ଅନୁଯାୟୀ ଜଣେ ପଳାତକଙ୍କୁ ପ୍ରମାଣିତ ତଥ୍ୟ ଦ୍ୱାରା ପ୍ରକାଶ ପାଇଥିବା କୌଣସି ଛୋଟ ଅପରାଧ ପାଇଁ କିମ୍ବା ଏପରିକି ଯେଉଁ ଅପରାଧ ପାଇଁ ବିଦେଶୀ ରାଷ୍ଟ୍ର ଏହାର ସମ୍ମତି ଦେଇଛି ତାହା ପାଇଁ ବିଚାର କରାଯାଇପାରିବ । ଏହିପରି, ଏହା ପଳାତକଙ୍କୁ ରାଜ୍ୟକୁ ଫେରସ୍ତ ନକରି, ଛୋଟ ଅପରାଧ କିମ୍ବା ଅନ୍ୟ କୌଣସି ଅପରାଧ ପାଇଁ ବିଚାର କରିବାକୁ ସକ୍ଷମ କରେ, ଯଦି ସମ୍ପୃକ୍ତ ରାଜ୍ୟ ଏହାର ସମ୍ମତି ଦିଏ । ଅନ୍ୟ ଅର୍ଥରେ, ପ୍ରତ୍ୟର୍ପଣ ବିଚାରାଦେଶରେ ଉଲ୍ଲେଖ ନଥିବା ଅନ୍ୟ କୌଣସି ଅପରାଧ ପାଇଁ ପଳାତକକୁ ବିଚାର କରିବାକୁ ଭାରତୀୟ କର୍ତ୍ତୃପକ୍ଷ ବିଦେଶୀ ରାଷ୍ଟ୍ରର ସମ୍ମତି ନେଇପାରିବେ, କିନ୍ତୁ ଏହିପରି ସମ୍ମତି ନପାଇ, ପ୍ରତ୍ୟର୍ପଣ ଆଦେଶରେ ଉଲ୍ଲେଖ ନଥିବା ଅନ୍ୟ କୌଣସି ଅପରାଧ ପାଇଁ ତାଙ୍କୁ ବିଚାର କରିବା ସମ୍ଭବ ନୁହେଁ ।ପ୍ରତ୍ୟର୍ପଣ ସନ୍ଧିରେ ଅନେକ ଅନୁଚ୍ଛେଦ

ରହିଛି, ଯେଉଁଥିରୁ ଅନୁଚ୍ଛେଦ 7 ଆମ ଉଦ୍ଦେଶ୍ୟ ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ନିମ୍ନରେ ବିସ୍ତୃତ ଭାବେ ଉଦ୍ଧୃତ କରାଯାଇପାରେ:-

> "ଅନୁଚ୍ଛେଦ 7. ଜଣେ ବ୍ୟକ୍ତିଙ୍କୁ ଯେଉଁ ଅପରାଧ ପାଇଁ ଅନ୍ୟ ଏକ ଚୁକ୍ତିକାରୀ ପକ୍ଷଙ୍କ ଅଞ୍ଚଳକୁ ଯାହା ଦ୍ୱାରା ହସ୍ତାନ୍ତର କରାଯାଇଛି, ସେହି ଦେଶ ସେହି ନିର୍ଦ୍ଦିଷ୍ଟ ଅପରାଧ ବ୍ୟତୀତ ଅନ୍ୟ କୌଣସି ଅପରାଧ ପାଇଁ ତାଙ୍କୁ ଜେଲରେ ରଖିପାରିବେ ନାହିଁ କିମ୍ବା ତାଙ୍କ ବିରୋଧରେ ମାମଲା ଚଳାଇପାରିବେ ନାହିଁ, ଯେପର୍ଯ୍ୟନ୍ତ ସେହି ବ୍ୟକ୍ତିଜଣଙ୍କୁ ଉକ୍ତ ଚୁକ୍ତିକାରୀ ପକ୍ଷଙ୍କ ଅଞ୍ଚଳକୁ ତାଙ୍କୁ ଫେରାଇ ଦିଆଯାଇନାହିଁ ଯାହା ଦ୍ୱାରା ସେ ହସ୍ତାନ୍ତର ହୋଇଥିଲେ କିମ୍ବା ତାଙ୍କୁ ଫେରିଯିବା ପାଇଁ ସୁଯୋଗ ଦିଆଯାଇନାହିଁ, ସେ ପର୍ଯ୍ୟନ୍ତ ଏହି ନିୟମ ଲାଗୁ ରହିବ ।"
>
> ପ୍ରତ୍ୟର୍ପଣ ପରେ ହୋଇଥିବା ଦଣ୍ଡନୀୟ ଅପରାଧ କିମ୍ବା ଅପରାଧ ପାଇଁ ଏହି ସର୍ତ୍ତ ଲାଗୁ ହୁଏ ନାହିଁ ।

ଉପରୋକ୍ତ ଅନୁଚ୍ଛେଦ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅନ୍ୟ କୌଣସି ଦଣ୍ଡନୀୟ ଅପରାଧ କିମ୍ବା ଅପରାଧ ପାଇଁ ବିଚାର କରାଯାଇପାରିବ ନାହିଁ, ଯେଉଁଥି ପାଇଁ ପ୍ରତ୍ୟର୍ପଣ କରାଯାଇଥିଲା, ଯେପର୍ଯ୍ୟନ୍ତ ତାଙ୍କୁ ପୁନଃସ୍ଥାପିତ କରାଯାଇ ନାହିଁ କିମ୍ବା ଉକ୍ତ ଚୁକ୍ତିକାରୀ ପକ୍ଷର ଅଞ୍ଚଳକୁ ଫେରିବାର ସୁଯୋଗ ମିଳିନାହିଁ, ଯାହାଙ୍କ ଦ୍ୱାରା ସେ ଆତ୍ମସମର୍ପଣ କରିଛନ୍ତି ।ପ୍ରତ୍ୟର୍ପଣ ଅଧିନିୟମର ଧାରା 21ର ବ୍ୟବସ୍ଥା ପ୍ରତ୍ୟର୍ପଣ ଚୁକ୍ତିର ଉପରୋକ୍ତ ଅନୁଚ୍ଛେଦ ସହିତ ମେଳ ଖାଉଛି । ଆଧୁନିକ ଦୁନିଆରେ ରାଷ୍ଟ୍ରଗୁଡ଼ିକର ପାରସ୍ପରିକ ନିର୍ଭରଶୀଳତା ସ୍ୱାଭାବିକ ଏବଂ ଅପରିହାର୍ଯ୍ୟ ଅଟେ ଏବଂ ଫଳସ୍ୱରୂପ, ପ୍ରତ୍ୟର୍ପଣର ଗୁରୁତ୍ୱ ଏବଂ ପ୍ରତ୍ୟର୍ପଣର ସମସ୍ୟା ସୃଷ୍ଟି ହେବ । ଦେଶର ଆଇନରୁ ପଳାୟନ କରିବା ଜଣେ ପଳାତକଙ୍କ ପାଇଁ ସହଜ ହୋଇଯାଇଛି ଏବଂ ଯଦି ଆଇନ ତାର ବାଟରେ ଚାଲିବ ଏବଂ ଅପରାଧୀଙ୍କୁ ପିଛା କରିବ, ତେବେ ଅପରାଧୀଙ୍କୁ ପୁଣି ଥରେ ଆଇନର କାଠଗଡ଼ାକୁ ଫେରାଇ ଆଣିବା ପାଇଁ ପ୍ରତ୍ୟର୍ପଣ ପ୍ରକ୍ରିୟା ଏକ ଅପରିହାର୍ଯ୍ୟ ମାଧ୍ୟମ ଅଟେ । ପ୍ରତ୍ୟର୍ପଣ ପ୍ରୟାସରେ ଶିଥିଳତା କେବଳ ଅପରାଧୀର ମନୋବଳ ବଢ଼ାଇବ, ଯାହାଫଳରେ ସେ ବିଦେଶକୁ ଫେରାର ହୋଇ ନିର୍ଭୟରେ ଅପରାଧ କରିବାକୁ ସାହସ ପାଇବ, ଯେଉଁଠି ପ୍ରତ୍ୟର୍ପଣ ପ୍ରକ୍ରିୟା ବିନା ତାକୁ ସେଠାରେ ସ୍ପର୍ଶ କରାଯାଇପାରିବ ନାହିଁ । ଆଶ୍ରୟ ପ୍ରଦାନ କରିଥିବା ରାଷ୍ଟ୍ରର ଏକ ସ୍ୱାଭାବିକ ପ୍ରବୃତ୍ତି ଥାଏ ଯେ, ସେ ପଳାତକ ଅପରାଧୀକୁ ଆତ୍ମସମର୍ପଣ କରାଇବାରେ ସହଯୋଗ କରିବ । କିନ୍ତୁ ଜଣେ ପଳାତକଙ୍କ ପ୍ରତ୍ୟର୍ପଣ ସେତେ ସହଜ ନୁହେଁ ଯେତିକି ଜଣେ ଭାବନ୍ତି । ଜଣେ ବ୍ୟକ୍ତିର ସ୍ୱାଧୀନତା ଏକ ଅବିଚ୍ଛେଦ୍ୟ ଅଧିକାର ହୋଇଥିବାରୁ, ଅନେକ ରାଜ୍ୟ, ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକା ଏବଂ ୟୁନାଇଟେଡ୍ କିଙ୍ଗଡମ୍, ନିର୍ଦ୍ଦେଶ ଦେଇଛନ୍ତି ଯେ ଦୁଇ ଦେଶ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତିର ଅନୁପସ୍ଥିତିରେ କୌଣସି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ ନାହିଁ । କିନ୍ତୁ ପ୍ରତ୍ୟର୍ପଣ ସବୁବେଳେ ଆବଶ୍ୟକ ଏବଂ କୌଣସି ବି ପଳାତକ ଅପରାଧୀକୁ ଏପରି ଭାବନା ଦେବା ଉଚିତ ନୁହେଁ ଯେ, ସେ ନିଜ ଦେଶରେ ଅପରାଧ କରି ଅନ୍ୟ ଏକ ବିଦେଶୀ ରାଷ୍ଟ୍ରରେ ଆଶ୍ରୟ ନେଇ ଖସିଯାଇପାରିବ । ଏଥି ସହିତ ଆତ୍ମ ସମର୍ପଣ କରିବା ପୂର୍ବରୁ ଉପଯୁକ୍ତ ସତର୍କତା ଅବଲମ୍ବନ କରାଯିବା ଉଚିତ, ଯାହାଦ୍ୱାରା କେହି ଯଥୋଚିତ ଆଇନ ପ୍ରକ୍ରିୟାରୁ ବଞ୍ଚିତ ହେବେ ନାହିଁ ଏବଂ କେହି ରାଜନୈତିକ ପ୍ରତିଶୋଧର ଶିକାର ହେବେ ନାହିଁ । ମୁଖ୍ୟତଃ ଦୁଇଟି କାରଣରୁ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରତ୍ୟର୍ପଣ ନିୟମ ଲାଗୁ କରାଯାଏ । ପ୍ରଥମତଃ, ଅପରାଧୀମାନଙ୍କୁ ଚେତାବନୀ ଦେବା ଯେ ସେମାନେ ଏକ ବିଦେଶୀ ଅଞ୍ଚଳକୁ ପଳାୟନ କରି ଦଣ୍ଡରୁ ରକ୍ଷା ପାଇପାରିବେ ନାହିଁ ଏବଂ ଦ୍ୱିତୀୟରେ, ଏହା ଆଞ୍ଚଳିକ ରାଷ୍ଟ୍ରର ସ୍ୱାର୍ଥରେ ଯେ ଜଣେ ଅପରାଧୀ ଯିଏ ଅପରାଧ କରିବା ପରେ ଅନ୍ୟ ଅଞ୍ଚଳରୁ ପଳାୟନ କରିଛନ୍ତି, ଏବଂ ଏହାର ଅଞ୍ଚଳ ମଧ୍ୟରେ ଆଶ୍ରୟ ନେଇଛନ୍ତି, ତାଙ୍କୁ ମୁକ୍ତ କରାଯିବା ଉଚିତ ନୁହେଁ, କାରଣ ସେ ପୁନର୍ବାର ଏକ ଅପରାଧ କରିପାରେ ଏବଂ ଅନ୍ୟ କୌଣସି ରାଷ୍ଟ୍ରକୁ ପଳାଇ ଯାଇପାରେ । ଅପରାଧ ଦମନ ଦିଗରେ ଅନ୍ତର୍ଜାତୀୟ ସହଯୋଗ ଦିଗରେ ପ୍ରତ୍ୟର୍ପଣ ଏକ ବଡ଼ ପଦକ୍ଷେପ ଅଟେ । ଏହି କାରଣରୁ 1932 ମସିହାରେ ହେଗ୍ ଠାରେ ଅନୁଷ୍ଠିତ ତୁଳନାତ୍ମକ ଆଇନ କଂଗ୍ରେସ ନିଷ୍ପତ୍ତି ନେଇଥିଲା ଯେ, "ଅପରାଧ ବିରୁଦ୍ଧରେ ଲଢ଼ିବା ପାଇଁ ଆନ୍ତର୍ଜାତୀୟ ଏକତା ଏକ କର୍ତ୍ତବ୍ୟ" ଭାବରେ ସମସ୍ତ ରାଷ୍ଟ୍ର ପ୍ରତ୍ୟର୍ପଣକୁ ଦାୟିତ୍ୱ ଭାବରେ ଗ୍ରହଣ କରିବା ଉଚିତ । ଓପେନ୍ହିମ୍ଙ୍କ ଆନ୍ତର୍ଜାତିକ ଆଇନରେ

ଏହି ଅଭିବ୍ୟକ୍ତିର ବ୍ୟାଖ୍ୟା କରାଯାଇଛି ଯେ "ପ୍ରତ୍ୟର୍ପଣ ହେଉଛି ଜଣେ ଅଭିଯୁକ୍ତ ବା ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଯେଉଁ ଦେଶରେ ଅପରାଧ ଘଟାଇଛି ବା ଦୋଷୀ ସାବ୍ୟସ୍ତ ହୋଇଛି, ସେହି ଦେଶକୁ ତାକୁ ହସ୍ତାନ୍ତର କରାଯାଏ, ଏହା ସେହି ଦେଶ ଦ୍ୱାରା କରାଯାଇଥାଏ ଯେଉଁଠାରେ ସେହି ଅପରାଧୀ ବର୍ତ୍ତମାନ ଆଶ୍ରୟ ନେଇଛି । ଆନ୍ତର୍ଜାତିକ ଆଇନରେ କୌଣସି ନିୟମ ନାହିଁ ଯାହା ଏକ ପ୍ରତ୍ୟର୍ପଣ ସନ୍ଧି ବିନା ଜଣେ ପଳାତକ ଅପରାଧୀକୁ ହସ୍ତାନ୍ତର କରିବା ପାଇଁ କୌଣସି ଦେଶକୁ ବାଧ୍ୟ କରିପାରିବ । ତେଣୁ ପ୍ରତ୍ୟର୍ପଣ ଆଇନ ଏକ ଦ୍ୱୈତ ଆଇନ । ଏହା ମୁଖ୍ୟତଃ ଏକ ପୌର ନିୟମ ଅଟେ; ତଥାପି ଏହା ଆନ୍ତର୍ଜାତୀୟ ଆଇନର ମଧ୍ୟ ଏକ ଅଂଶ, କାରଣ ଏହା ଦୁଇଟି ସାର୍ବଭୌମ ରାଷ୍ଟ୍ର ମଧ୍ୟରେ ଥିବା ସମ୍ପର୍କକୁ ନିୟନ୍ତ୍ରଣ କରିଥାଏ ବିଶେଷ କରି, ଜଣେ ବ୍ୟକ୍ତିଙ୍କୁ ଗୋଟିଏ ସାର୍ବଭୌମ ରାଷ୍ଟ୍ର ଅନ୍ୟ ଏକ ସାର୍ବଭୌମ ରାଷ୍ଟ୍ରକୁ ହସ୍ତାନ୍ତର କରିବା ଉଚିତ କି ନୁହେଁ, ସେହି ପ୍ରଶ୍ନ ଉପରେ ଏହା ଆଧାରିତ । ଜାତୀୟ ଅଦାଲତ ଦ୍ୱାରା ଏହି ପ୍ରଶ୍ନର ନିଷ୍ପତ୍ତି ନିଆଯାଏ କିନ୍ତୁ ଆନ୍ତର୍ଜାତୀୟ ପ୍ରତିବଦ୍ଧତା ତଥା ବିଷୟ ସମ୍ବନ୍ଧୀୟ ଆନ୍ତର୍ଜାତିକ ଆଇନର ନିୟମ ଆଧାରରେ । ବିଭିନ୍ନ ଦେଶ ମଧ୍ୟରେ ଅପରାଧୀ ପ୍ରତ୍ୟର୍ପଣ ଅନୁରୋଧକୁ ନିୟନ୍ତ୍ରଣ କରିବା ପାଇଁ ଏକ ସମ୍ମିଳନୀ ଅନୁଷ୍ଠିତ କରିବାକୁ ଅନେକ ପ୍ରୟାସ କରାଯାଇଛି । 1902 ର ପାନ୍ ଆମେରିକୀୟ ସମ୍ମିଳନୀ, ବାରଟି ରାଷ୍ଟ୍ର ଦ୍ୱାରା ସ୍ୱାକ୍ଷରିତ ପ୍ରତ୍ୟର୍ପଣ ଚୁକ୍ତି ପ୍ରସ୍ତୁତ କରିଥିଲା କିନ୍ତୁ ଏହାକୁ ଅନୁମୋଦନ କରାଯାଇ ନଥିଲା । 1933 ରେ ଅନୁଷ୍ଠିତ ସପ୍ତମ ପାନ ଆମେରିକୀୟ ସମ୍ମିଳନୀ ଏକ ପ୍ରତ୍ୟର୍ପଣ ସମ୍ମିଳନୀ ସ୍ଥିର କରିଥିଲା, ଯାହାକୁ ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନେକ ରାଷ୍ଟ୍ର ଅନୁମୋଦନ କରିଥିଲେ, ମାତ୍ର, ଲିଗ୍ କୋଡିଫିକେସନ୍ କମିଟି ଏହିପରି ଏକ ସାଧାରଣ ପ୍ରତ୍ୟର୍ପଣ ଚୁକ୍ତିର ବ୍ୟବହାରିକତା ଉପରେ ସନ୍ଦେହ ପ୍ରକାଶ କରିଥିଲା । 1935 ମସିହାରେ, ହାର୍ଭାର୍ଡ ଆଇନ ବିଦ୍ୟାଳୟ ଏହି ବିଷୟ ଉପରେ ଏକ ଚିଠା ସମ୍ମିଳନୀ ପ୍ରସ୍ତୁତ କରିଥିଲା । ୱାରସରେ ଆୟୋଜିତ ସମ୍ମିଳନୀରେ ଆନ୍ତର୍ଜାତିକ ଆଇନ ସଂଘ ମଧ୍ୟ ପ୍ରତ୍ୟର୍ପଣ ସମ୍ବନ୍ଧୀୟ ଆଇନଗତ ସମସ୍ୟା ଉପରେ ବିଚାର କରିଛି । 1928 ମସିହାରେ ପ୍ରତ୍ୟର୍ପଣ ଉପରେ ଏକ ଚିଠା ସମ୍ମିଳନୀ ଅନୁମୋଦିତ ହୋଇଥିଲା, କିନ୍ତୁ ପ୍ରତ୍ୟର୍ପଣ ଉପରେ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ କରିବା ଦିଗରେ କୌଣସି ସଫଳତା ମିଳିପାରି ନାହିଁ । ଏହା ସତ୍ତ୍ୱେ ପ୍ରାୟ ସମସ୍ତ ରାଷ୍ଟ୍ର ପ୍ରତ୍ୟର୍ପଣ ପ୍ରକ୍ରିୟାର କାର୍ଯ୍ୟକାରିତା ଏବଂ ଉପଯୋଗିତା ଉପରେ ଦୃଢ଼ ବିଶ୍ୱାସ ରଖନ୍ତି, ଯାହାକି ପ୍ରତ୍ୟେକ ରାଷ୍ଟ୍ରକୁ କେବେ ନା କେବେ ଆପଣାଇବାକୁ ପଡ଼ିଥାଏ । ଏସୀୟ-ଆଫ୍ରିକୀୟ ଆଇନ ପରାମର୍ଶଦାତା ସଂସ୍ଥା ମଧ୍ୟ 1960 ମସିହାରେ କଲମ୍ବୋରେ ଏହାର ବୈଠକରେ ପ୍ରତ୍ୟର୍ପଣ ଉପରେ ଏକ ଚିଠା ସମ୍ମିଳନୀ ପ୍ରସ୍ତୁତ କରିଥିଲା । ସେପ୍ଟେମ୍ବର 1965 ରେ, ଆଇନ ମନ୍ତ୍ରୀ ଏବଂ ମୁଖ୍ୟ ବିଚାରପତିଙ୍କ ରାଜ୍ୟଗୋଷ୍ଠୀ ସମ୍ମିଳନୀ ପ୍ରତ୍ୟର୍ପଣ ଉପରେ ଏକ ରାଜ୍ୟଗୋଷ୍ଠୀ ସମ୍ମିଳନୀ ପାଇଁ ଇଚ୍ଛା ପ୍ରକାଶ କରିଥିଲା । ମାର୍ଚ୍ଚ 1966 ରେ, ରାଜ୍ୟଗୋଷ୍ଠୀ ଆଇନ ମନ୍ତ୍ରୀମାନେ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକ ମଧ୍ୟରେ ପଳାତକମାନଙ୍କୁ ଶୀଘ୍ର ପ୍ରତ୍ୟର୍ପଣ ପାଇଁ ଲଣ୍ଡନରେ ଏକ ରାଜିନାମାରେ ସ୍ୱାକ୍ଷର କରିଥିଲେ । କିନ୍ତୁ କୌଣସି ପ୍ରତ୍ୟର୍ପଣ ସମ୍ମିଳନୀର ଅଭାବରେ, ରାଷ୍ଟ୍ରମାନେ ଦ୍ୱିପାକ୍ଷିକ ପ୍ରତ୍ୟର୍ପଣ ଚୁକ୍ତିନାମାର ଆଶ୍ରୟ ନେଇଛନ୍ତି, ଯାହା ମାଧ୍ୟମରେ ସେମାନେ ପରସ୍ପର ମଧ୍ୟରେ ସହମତ ହୋଇଛନ୍ତି ଯେ, ଯଦି କୌଣସି ବ୍ୟକ୍ତି ଉକ୍ତ ଚୁକ୍ତିନାମାର ପରିସରଭୁକ୍ତ ହୁଏ, ତେବେ ଅଭିଯୁକ୍ତ ବା ଦୋଷୀ ସାବ୍ୟସ୍ତ ବ୍ୟକ୍ତିକୁ ଅନୁରୋଧକାରୀ ରାଷ୍ଟ୍ରକୁ ହସ୍ତାନ୍ତର କରାଯିବ । ଅନ୍ତର୍ଜାତୀୟ ସ୍ତରରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ସ୍ତରରେ ନିଜସ୍ୱ ଆଇନ ପ୍ରଣୟନ କରିବାର ଆବଶ୍ୟକତା ପଡ଼ିଥାଏ । ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି, ଚିଠା ସମ୍ମିଳନୀ ଏବଂ ଜାତୀୟ ଆଇନ ଏବଂ ପ୍ରଥାମାନ ପ୍ରକାଶ କରିଛି ଯେ ଏହି ପ୍ରକ୍ରିୟାରେ ଆନ୍ତର୍ଜାତିକ ଆଇନର କିଛି ପ୍ରଥାଗତ ନିୟମ ବିକଶିତ ହୋଇଛି ।**ବିଶେଷତାର** ସିଦ୍ଧାନ୍ତ ହେଉଛି ପ୍ରତ୍ୟର୍ପଣ ସମ୍ବନ୍ଧୀୟ ଆନ୍ତର୍ଜାତିକ ଆଇନର ଅନ୍ୟ ଏକ ପ୍ରତିଷ୍ଠିତ ନିୟମ । ତେଣୁ, ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ ଅପରାଧ ପାଇଁ ପ୍ରତ୍ୟର୍ପଣ କରାଯାଏ, ସେତେବେଳେ ତାଙ୍କୁ କେବଳ ସେହି ଅପରାଧ ପାଇଁ ବିଚାର କରାଯାଇପାରିବ । ଯଦି ଅନୁରୋଧ କରିଥିବା ରାଷ୍ଟ୍ର ପ୍ରତ୍ୟର୍ପଣ ପୂର୍ବରୁ କରାଯାଇଥିବା ଅନ୍ୟ କୌଣସି ଅପରାଧ ପାଇଁ ପ୍ରତ୍ୟାର୍ପିତ ହୋଇଥିବା ପଳାତକଙ୍କୁ ବିଚାର କରିବା ବାଞ୍ଛନୀୟ ବୋଲି ବିବେଚନା କରେ, ତେବେ ପଳାତକଙ୍କୁ ପୂର୍ବ ସ୍ଥିତାବସ୍ଥାକୁ ଆଣିବାକୁ ପଡିବ, ଏହି ଅର୍ଥରେ ଯେ ତାଙ୍କୁ ପ୍ରଥମେ ସେହି ରାଷ୍ଟ୍ରକୁ ଫେରାଇବାକୁ ପଡିବ ଯାହା ପ୍ରତ୍ୟର୍ପଣ ମଞ୍ଜୁର କରିଥିଲା ଏବଂ ପରବର୍ତ୍ତୀ ଅପରାଧ ପାଇଁ ଏକ ନୂତନ ପ୍ରତ୍ୟର୍ପଣ ଅନୁରୋଧ କରିବାକୁ ପଡିବ । ଭାରତୀୟ ପ୍ରତ୍ୟର୍ପଣ ଅଧିନିୟମ, 1962 ସେହି ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା

କରିଥାଏ । ପ୍ରତ୍ୟର୍ପଣ ଅଧିନିୟମର ଧାରା 21କୁ ଦୃଷ୍ଟିରେ ରଖି ପ୍ରତ୍ୟାର୍ପିତ ହୋଇଥିବା ପଳାତକଙ୍କୁ ଭାରତରେ ଅନ୍ୟ କୌଣସି ଅପରାଧ ପାଇଁ ବିଚାର କରାଯାଇପାରିବ ନାହିଁ, ଯେଉଁ ଅପରାଧ ପାଇଁ ତାଙ୍କୁ ପ୍ରତ୍ୟାର୍ପିତ କରାଯାଇଛି, ଯେପର୍ଯ୍ୟନ୍ତ ତାଙ୍କୁ ସେହି ରାଜ୍ୟକୁ ଫେରାଇ ଦିଆଯାଇ ନାହିଁ କିମ୍ବା ଫେରିବାର ସୁଯୋଗ ମିଳିନାହିଁ ଯେଉଁ ରାଜ୍ୟରେ ସେ ଆତ୍ମସମର୍ପଣ କରିଛନ୍ତି । ବିଶେଷତାର ସିଦ୍ଧାନ୍ତ ବାସ୍ତବରେ ଦ୍ୱୈତ ଅପରାଧ ନୀତିର ଏକ ଆନୁସଙ୍ଗିକ ନିୟମ, ଏବଂ ଉପରୋକ୍ତ ସିଦ୍ଧାନ୍ତ ଏହି ଧାରଣା ଉପରେ ଆଧାରିତ ଯେ ଯେତେବେଳେ କୌଣସି ରାଷ୍ଟ୍ର, କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ପାଇଁ ଜଣେ ବ୍ୟକ୍ତିଙ୍କୁ ଅନ୍ୟ ରାଷ୍ଟ୍ରକୁ ଆତ୍ମ ସମର୍ପଣ କରିବା କରିବା ପାଇଁ ଏହାର ଆନୁଷ୍ଠାନିକ ପ୍ରକ୍ରିୟା ବ୍ୟବହାର କରେ, ଅନୁରୋଧ କରୁଥିବା ରାଷ୍ଟ୍ର, ଏହାର ପ୍ରତ୍ୟର୍ପଣ ପାଇଁ ଅନୁରୋଧରେ, ଅଭିଯୁକ୍ତ ହୋଇଥିବା ଅପରାଧ ପାଇଁ, ଅପରାଧୀଙ୍କ ବିରୋଧରେ ମକଦ୍ଦମା ଚଳାଇବା କିମ୍ବା ଦଣ୍ଡିତ କରିବାର ଉଦ୍ଦେଶ୍ୟ ପାଳନ କରିବ ଏବଂ ଅନ୍ୟ କାହା ଉପରେ ନୁହେଁ । (ଏମ୍. ଚେରିଫ୍ ବସ୍ସିଓନିଙ୍କ -ଆନ୍ତର୍ଜାତୀୟ ପ୍ରତ୍ୟର୍ପଣ ଏବଂ ବିଶ୍ୱ ସାର୍ବଜନୀନ ବ୍ୟବସ୍ଥା ପୁସ୍ତକ ଦେଖନ୍ତୁ)। ଡି. ପି. ଓ 'କନେଲ୍ଙ୍କ ଦ୍ୱାରା ଲିଖିତ ଆନ୍ତର୍ଜାତିକ ଆଇନ ପୁସ୍ତକରେ, ବିଶେଷତାର ନୀତିକୁ ଏହିପରି ବର୍ଣ୍ଣନା କରାଯାଇଛି:

> "ଏହି ନୀତି ଅନୁଯାୟୀ ଯେଉଁ ରାଷ୍ଟ୍ରକୁ ଜଣେ ବ୍ୟକ୍ତିଙ୍କୁ ପ୍ରତ୍ୟର୍ପଣ କରାଯାଇଛି, ଅନୁରୋଧ କରାଯାଇଥିବା ରାଷ୍ଟ୍ରର ସମ୍ମତି ବିନା, ଯେଉଁ ଅପରାଧ ପାଇଁ ତାଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା ତାହା ବ୍ୟତୀତ ପ୍ରତ୍ୟର୍ପିତ ହୋଇଥିବା ବ୍ୟକ୍ତିଙ୍କୁ ବିଚାର କରିପାରିବେ ନାହିଁ । ଅନେକ ପ୍ରତ୍ୟର୍ପଣ ସନ୍ଧି ଏହି ନିୟମକୁ ଅନ୍ତର୍ଭୁକ୍ତ କରେ, ଏବଂ ପ୍ରଶ୍ନ ଉଠେ ଯେ ଏହା ଆନ୍ତର୍ଜାତିକ ଆଇନ ମଧ୍ୟରୁ ଗୋଟିଏ କି ନୁହେଁ ।"

ଯୁକ୍ତରାଷ୍ଟ୍ରର ସର୍ବୋଚ୍ଚ ନ୍ୟାୟାଳୟ, ଏହି ନିୟମକୁ ଆନ୍ତର୍ଜାତିକ ଆଇନର ସ୍ତର ଉପରେ ନ ରଖି, ବାସ୍ତବରେ *ଯୁକ୍ତରାଷ୍ଟ୍ର ବନାମ ରୌସର୍*-1019 ୟୁଏସ୍. 407 ମାମଲାରେ ସମାନ ଉପସଂହାରରେ ପହଞ୍ଚିଥିଲେ । ସନ୍ଧିରେ ବିଚାର ହେବ ନାହିଁ ବୋଲି କୌଣସି ସ୍ପଷ୍ଟ ସର୍ତ୍ତ ନଥାଇ ମଧ୍ୟ, ସର୍ବୋଚ୍ଚ ନ୍ୟାୟାଳୟ ବିଚାର କରୁଥିବା ଅଦାଲତଙ୍କ କ୍ଷେତ୍ରାଧିକାରକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ନିର୍ଣ୍ଣୟ ନେଇଥିଲେ ଯେ:-

> "କର୍ତ୍ତୃପକ୍ଷ ଏବଂ ଦୃଢ଼ ସିଦ୍ଧାନ୍ତର ଗୁରୁତ୍ୱ ଏହି ପ୍ରସ୍ତାବ ସପକ୍ଷରେ ଅଛି ଯେ ପ୍ରତ୍ୟର୍ପଣ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆଧାରରେ ନ୍ୟାୟାଳୟର ଅଧିକାରିତା କ୍ଷେତ୍ର ମଧ୍ୟରେ ଅଣାଯାଇଥିବା ଜଣେ ବ୍ୟକ୍ତିଙ୍କୁ କେବଳ ସେହି ଚୁକ୍ତିରେ ବର୍ଣ୍ଣିତ ଅପରାଧ ମଧ୍ୟରୁ ଗୋଟିଏ ପାଇଁ ଏବଂ ତାଙ୍କ ପ୍ରତ୍ୟର୍ପଣ କାର୍ଯ୍ୟାନୁଷ୍ଠାନରେ ଯେଉଁ ଅପରାଧ ପାଇଁ ଅଭିଯୁକ୍ତ କରାଯାଇଛି, ସେହି ଅପରାଧ ପାଇଁ ବିଚାର କରାଯାଇପାରିବ, ଯେପର୍ଯ୍ୟନ୍ତ ତାଙ୍କୁ ଏକ ଯୁକ୍ତିଯୁକ୍ତ ସମୟ ଏବଂ ସୁଯୋଗ ଦିଆଯାଇ ନାହିଁ, ଏପରି ଅଭିଯୋଗ ଉପରେ ତାଙ୍କର ମୁକ୍ତି କିମ୍ବା ବିଚାର ପରେ, ସେହି ଦେଶକୁ ଫେରିବା ପାଇଁ ଯେଉଁ ଦେଶରୁ ତାଙ୍କୁ ସେହି କାର୍ଯ୍ୟାନୁଷ୍ଠାନ ଅଧୀନରେ ବଳପୂର୍ବକ ଆଶ୍ରୟ ନିଆଯାଇଥିଲା ।"

ଏହି ଆଇନଗତ ସ୍ଥିତିକୁ ଭିତ୍ତି କରି, ଉଭୟ ଆନ୍ତର୍ଜାତୀୟ ଆଇନ ଏବଂ ଏହି ଦେଶର ପ୍ରାସଙ୍ଗିକ ବିଧି ବ୍ୟବସ୍ଥା ଅନୁଯାୟୀ, ଆମେ ଏହି ମାମଲାଗୁଡ଼ିକର ଫଏସଲା କରି ଏହି ନିଷ୍କର୍ଷରେ ପହଞ୍ଚୁଛୁ ଯେ ଜଣେ ପଳାତକ ଅପରାଧୀଙ୍କୁ ଯଦି ଏକ ପ୍ରତ୍ୟର୍ପଣ ବିଚାରାଦେଶ ମାଧ୍ୟମରେ ଏହି ଦେଶକୁ ଅଣାଯାଏ, ତେବେ ତାଙ୍କ ବିରୋଧରେ କେବଳ ସେହି ଅପରାଧଗୁଡ଼ିକ ପାଇଁ ବିଚାର କରାଯାଇପାରିବ ଯାହା ସେହି ପ୍ରତ୍ୟର୍ପଣ ଆଦେଶରେ ଉଲ୍ଲେଖ ଅଛି, ଅନ୍ୟ କୌଣସି ଅପରାଧ ପାଇଁ ତାଙ୍କୁ ବିଚାର କରିବାକୁ ଏହି ଦେଶର ଫୌଜଦାରୀ ଅଦାଲତ ମାନଙ୍କର କୌଣସି କ୍ଷେତ୍ରାଧିକାର ନାହିଁ । ଏହି ଆଜ୍ଞାଦେଶ ଆବେଦନ ଏବଂ ସ୍ୱତନ୍ତ୍ର ଅନୁମତି ଆବେଦନକୁ ସେହି ଅନୁଯାୟୀ ଫଏସଲା କରାଗଲା ।

ଭି. ଏସ୍. ଏସ୍. ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।